ସକାଳ
THE SAKALA



# ଇଟାଭାଟି ପ୍ରଦୂଷଣରେ ଲଗାମ୍ ନାହିଁ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ-ପ୍ରଶାସନର ସମନ୍ୱୟ ଅଭାବ



**କଟକ,୧୭।୧(ସମିସ):** ବର୍ତ୍ତମାନ ଶୀତ ଋତୁରେ ପ୍ରଦୂଷଣ ସ୍ତର ବୃଦ୍ଧି ଚିନ୍ତାଜନକ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ନାନା କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ଗାଁଗହଳିରେ ବେଆଇନ ଇଟାଭାଟି ଜଳୁଛି। କୋଇଲା ଧୂଆଁରେ ଏଥିପାଇଁ ଆଖପାଖ ବାୟୁମଣ୍ଡଳ ଆଚ୍ଛାଦିତ ହେବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରେ ଚିନ୍ତା ବଢାଇଦେଇଛି ଏହିଭଳି ଶହଶହ ବେଆଇନ ଇଟାଭାଟି।

ମିଳିଥିବା ସୂଚନାନୁସାରେ, ଏଭଳି ଇଟାଭାଟିଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କୌଣସି ଅନୁମତି ପ୍ରଦାନ କରାଯାଉନାହିଁ। କେବଳ ଜିଲ୍ଲାରେ ଥିବା ସ୍ଥାୟୀ ଚିମନିଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏନଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଏକାନ୍ତ ଅପରିହାର୍ଯ୍ୟ। ଫଳରେ ଛୋଟ ଛୋଟ ଇଟାଭାଟି ପାଇଁ ସେଭଳି କିଛି କଟକଣା ଲଗାଇପାରୁନାହିଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ପାଇଁ ଏନଫୋର୍ସମେଣ୍ଟ କଡାକଡି ହୋଇପାରୁନି।

ବାର୍ଷିକ ଜଣେ ଜଣେ ବ୍ୟବସାୟୀ ୫ରୁ ୧୦ଲକ୍ଷ ଇଟା ପୋଡୁଛନ୍ତି। ଏମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍କାନରରେ ରହୁ ନଥିବାର ପରିଲକ୍ଷିତ ହୋଇଛି। ଜିଲ୍ଲାର ଅନେକ ଚିମିନି ଭାଟି ବି ଏନଓସି ନନେଇ ଇଟା ପୋଡୁଥିବାର ଅଭିଯୋଗ ହେଉଛି।

ଜିଲ୍ଲାର ୧୪ଟି ବ୍ଲକରେ ପ୍ରାୟ ୫୮ଟି ସ୍ଥାୟୀ ଇଟାଭାଟି ତଥା ଚିମନି ଥିବା ଜଣାପଡିଛି। ଏଥିମଧ୍ୟରୁ ଅଧିକାଂଶର ଏନଓସି ନଥିବାର ଜଣାପଡିଛି। ଏନଓସି ନଥିବା ଚିମିନି ଇଟାଭାଟିଗୁଡିକୁ ବନ୍ଦ କରିବାକୁ ବୋର୍ଡ ପକ୍ଷରୁ ଜିଲ୍ଲା ପ୍ରଶାସନକୁ କୁହାଯାଇଥିଲେ ବି ତହସିଲ ପ୍ରଶାସନ

### ଗ୍ରାମାଞ୍ଚଳରେ ଜଳୁଛି ଶତାଧିକ ଭାଟି

କିନ୍ତୁ ନିରବଦ୍ରଷ୍ଟା ସାଜୁଛନ୍ତି। ଜିଲ୍ଲାରେ ତହସିଲ ପ୍ରଶାସନକୁ ଏନଓସି ନେଇ ନଥିବା ଇଟାଭାଟିଗୁଡିକ ସଂପର୍କରେ ଅବଗତ କରାଯାଉଥିବାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜଣାପଡିଛି। ତହସିଲଦାରମାନେ ଚାହିଁଲେ ଏଗୁଡିକୁ ବନ୍ଦ କରିପାରିବେ; କିନ୍ତୁ ଏକ୍ଷେତ୍ରରେ କାଗଜକଲମ ଅଧିକ, ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କମ ରହୁଛି। ଏଗୁଡିକ ଜନବସତି ନିକଟରେ ସ୍ଥାପନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ନିୟମ ମଧ୍ୟ ରହିଛି। ଜାତୀୟ ଗ୍ରୀନ ଟ୍ରିବୁନାଲ ପକ୍ଷରୁ ମଧ୍ୟ ସ୍ପଷ୍ଟ ଗାଇଡଲାଇନ ରହିଛି। ଏଗୁଡିକୁ ଠିକ ଭାବେ ଅନୁଧ୍ୟାନ କରାଯାଇପାରୁନାହିଁ। ଇଟାଭାଟି ବ୍ୟତୀତ ଛୋଟମୋଟ ଇଟାଭାଟିଗୁଡିକ ଉପରେ ଆଦୌ ଅଙ୍କୁଶ ରହୁ ନଥିବାର ଅଭିଯୋଗ ହେଉଛି। ଇଟାଭାଟି ଗୁଡିକ ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍ଥାନୀୟ ତହସିଲ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର କର୍ତ୍ତୃତ୍ୱ ରହିବା କଥା ହେଲେ ଏହା ଠିକ ଭାବେ ସଂପାଦନ ହେଉନାହିଁ।

ଏ ସଂପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀଙ୍କ କହିବାନୁସାରେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ତହସିଲଦାରଙ୍କ ରହିଛି। ସେହିପରି ଗାଁ ଗହଳିରେ ଯେଉଁ ଛୋଟ ଇଟାଭାଟିଗୁଡିକ ପୋଡାଯାଉଛି ସେଗୁଡିକୁ ତହସିଲ ପ୍ରଶାସନ ଯାଞ୍ଚ କରିବା କଥା। ଏପରିକି ପୋଡା ଯାଉଥିବା ଇଟା ସଂଖ୍ୟା ଅନୁସାରେ ଟିକସ ଆଦାୟ କରିବାର ନିୟମ ରହିଛି। କିନ୍ତୁ ଏହି ନିୟମ ସଠିକ ଢଙ୍ଗରେ ପାଳନ କରାଯାଉ ନଥିବାର ଜଣାପଡିଛି। ସ୍ଥାନୀୟ ରାଜସ୍ୱ ନୀରୀକ୍ଷକମାନେ ଏସଂପର୍କରେ ରିପୋର୍ଟ ଦେଲା ପରେ ଇଟାଭାଟିଗୁଡିକର ଚାଲାଣ କଟାଯାଇଥାଏ। ଅନେକ ସମୟରେ ଇଟା ବ୍ୟବସାୟୀମାନେ ଯେତିକି ସଂଖ୍ୟାର ଇଟା ପୋଡିଥାନ୍ତି ତା'ଠାରୁ କମ ଇଟା ଦର୍ଶାଇଥାନ୍ତି। ଫଳରେ ତହସିଲର ରାଜସ୍ୱ ତ ହାନି ହୁଏ ଅନ୍ୟପଟରେ ଇଟାଭାଟି ସଂପର୍କରେ ସଠିକ ତଥ୍ୟ ମିଳୁ ନଥିବା ଜଣାପଡ଼ିଛି।

# ଶ୍ରୀରାମଙ୍କ ଦିବ୍ୟଧନୁକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



**ସାଲେପୁର,୧୭।୧(ସମିସ):** ସନ୍ଧ୍ୟାରେ ଶ୍ରୀରାମ ଧନୁ ସୁସଜ୍ଜିତ ରଥରେ ସାଲେପୁର ନିର୍ବାଚନମଣ୍ଡଳୀର ଦ୍ୱୀପାଞ୍ଚଳର ରଟିଲୋ ହନୁମାନ ମନ୍ଦିରରେ ପହଞ୍ଚିବା ପରେ ସେଠାରୁ ସହସ୍ରାଧିକ ଭକ୍ତ ଶୋଭାଯାତ୍ରାରେ ଦ୍ୱୀପାଞ୍ଚଳ ପରିକ୍ରମା କରାଇଥିଲେ। ବିଜେପି ନେତା ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଘଣ୍ଟ, ଘଣ୍ଟା, ଖୋଳ, କୀର୍ତ୍ତନ ଓ ଶଙ୍ଖଧ୍ୱନିରେ ଏକ ଶୋଭାଯାତ୍ରାରେ ସାଲେପୁର କଲେଜରୋଡ୍ ଦେଇ ସାହେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ପ୍ରଭୁ ଶ୍ରୀରାମଙ୍କ ଧନୁ ଜଗତ୍‌ସିଂହପୁର ଜିଲ୍ଲାରୁ ବାହାରି ସାଲେପୁରଠାରେ କଟକ ଜିଲ୍ଲାକୁ ପ୍ରବେଶ କରିଥିଲା। ଏହି ଅବସରରେ ରଟିଲୋ ହନୁମାନ ମନ୍ଦିର, ବିଶେଶ୍ୱର ମନ୍ଦିର, ରୋଧପୁର ଶାରଳା ମନ୍ଦିର, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସାହେଶ୍ୱରୀ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ମାଛୁଆତି ତାରିଣୀ ମନ୍ଦିର ସମେତ ରାସ୍ତା ପାର୍ଶ୍ୱରେ ଥିବା ବିଭିନ୍ନ ଛକରେ ଦିବ୍ୟ ଧନୁକୁ ଭକ୍ତିପୂତ ପୂଜାର୍ଚ୍ଚନା କରିବା ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଧନୁକୁ ଦର୍ଶନକରିବାକୁ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସତ୍ୟବାଦୀ ଚଇନି, ଚିତ୍ତରଂଜନ ଶତପଥୀ, ସତ୍ୟଶିବସୁନ୍ଦର କର, ଯଶୋବନ୍ତ ରାଉତ, କେଦାରଶନ ସାହୁ, ତ୍ରୈଲୋକ୍ୟନାଥ ପଣ୍ଡା, ମୁନା ଜେନାଙ୍କ ସମେତ ଶତାଧିକ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଯୁକ୍ତ ଦୁଇ ଛାତ୍ରୀଙ୍କ ଆତ୍ମହତ୍ୟା



**ସାଲେପୁର,୧୭ ।୧(ସମିସ):** ଜଣେ ଯୁକ୍ତ ଦୁଇ ଛାତ୍ରୀ ବେକରେ ଶାଢ଼ି ବାନ୍ଧି ଶୋଇବା ଘରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ମୃତ ଛାତ୍ରୀ ହେଲେ ରାହାମା ଅଞ୍ଚଳର ବର୍ଷା ନନ୍ଦ। ସାଲେପୁର ଥାନା ଅନ୍ତର୍ଗତ ନାଦୋଳଗଡ଼ା ଗ୍ରାମରେ ନିଜ ବଡ଼ବାପାଙ୍କ ଘରେ ରହି ବହୁଗ୍ରାମ କଲେଜରେ ଯୁକ୍ତ ଦୁଇରେ ଅଧ୍ୟୟନ କରୁଥିଲେ। ପରିବାର ଲୋକେ ଏ ସଂପର୍କରେ ସାଲେପୁର ପୁଲିସକୁ ଖବର ଦେଲା ପରେ ପୁଲିସ ଘଟଣାସ୍ଥଳରୁ ଶବ ଜବତ କରି ତଦନ୍ତ କରୁଛି। ଶବ ବ୍ୟବଚ୍ଛେଦ ପରେ ଆଜି ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଛାତ୍ର ଜଣକ କ'ଣ ପାଇଁ ଆତ୍ମ ହତ୍ୟା କଲେ ତାହା ସ୍ପଷ୍ଟ ଜଣାପଡିନାହିଁ।

# ସ୍ୱାସ୍ଥ୍ୟ ସଚେତନତା ମିନି ମାରାଥନ୍



**କିଶନନଗର,୧୭।୧(ସମିସ):** କଟକ ସଦର ଅନ୍ତର୍ଗତ ସୋମପୁର କିଶନନଗର ରାସ୍ତାର ବୁଢିଆଣୀ ମନ୍ଦିର ନିକଟରେ ଥିବା ଇଂରାଜୀ ମାଧ୍ୟମ ଉଇସଡମ ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର ପ୍ରତିଷ୍ଠାତା ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ଆହ୍ୱାନକ୍ରମେ ପରିଚାଳନା ନିର୍ଦ୍ଦେଶକ ପ୍ରିତମ ଚୌଧୁରୀଙ୍କ ପରିଚାଳନାରେ ସ୍ୱାସ୍ଥ୍ୟ ହିଁ ସମ୍ପଦ ସଚେତନତା ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ଗୀତାଞ୍ଜଳି ନାୟକ, ମୁସ୍ତାକ ଅହମ୍ମଦ, ରଶ୍ମିରଞ୍ଜନ ରଣା, ସାହେବା ଅଞ୍ଜୁମ, ମୌସୁମୀ ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

# ଅବସରପ୍ରାପ୍ତ ଖଣି ଅଧୀକ୍ଷକଙ୍କ ବିୟୋଗ



**ନିଶ୍ଚିନ୍ତକୋଇଲି,୧୭ ।୧(ସମିସ):** କଟରପଡ଼ା ପଞ୍ଚାୟତ ପିଠାପଡ଼ା ଗ୍ରାମର ମୁରବୀ ତଥା ଖଣି ବିଭାଗର ଅବସରପ୍ରାପ୍ତ ଅଧୀକ୍ଷକ ଧରଣୀଧର ପାତ୍ର (୯୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଜୀବନ ବଲ୍ଲଭ, କନ୍ୟା ଦୀପାଞ୍ଜଳି, ସ୍ମିତାଞ୍ଜଳି ଓ ପୁଷ୍ପାଞ୍ଜଳି ଉପସ୍ଥିତ ଥିଲେ। ମର ଶରୀରକୁ ଗ୍ରାମକୁ ଅଣାଯାଇ ଶ୍ମଶାନରେ ଦାହ କରାଯାଇଛି। ପୁତ୍ର ଜୀବନ ବଲ୍ଲଭ ମୁଖାଗ୍ନି ଦେଇଥିଲେ। ପ୍ରାକ୍ତନ ସରପଞ୍ଚ ସନ୍ତୋଷ ପାତ୍ର, ଶିକ୍ଷାବିତ୍ ଫକୀର ଚରଣ ନାୟକ, ଇତିବାଳା ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅଡ଼ଶପୁର ତ୍ରିଛକିରେ ଜବରଦଖଲ ଉଚ୍ଛେଦ

**କଣ୍ଠାପଡ଼ା,୧୭।୧(ସମିସ):** ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ତ୍ରିଛକିରେ ଶନିବାର ଅଦାଲତ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ୬ଟି ଦୋକାନକୁ ଉଚ୍ଛେଦ କରାଯାଇଛି। ଅଡ଼ଶପୁର ଗ୍ରାମର ସଂଜୟକୁମାର ନାୟକ ଦୀର୍ଘବର୍ଷ ହେବ ତ୍ରିଛକି ନିକଟରେ ୬ଟି ଦୋକାନଘର କରି ଭଡ଼ା ସୂତ୍ରରେ ଲଗାଇଥିଲେ। ମାତ୍ର ଉକ୍ତ ଜାଗା ଉରାଡ ଗ୍ରାମର ଦିଲୀପ କୁମାର ମହାପାତ୍ର (ବାପା ମୁଶେଶ୍ୱର ମହାପାତ୍ର)ଙ୍କ ହୋଇଥିବା କାରଣରୁ ଜୋରଜବରଦସ୍ତ ଦଖଲ କରିଥିବା ନେଇ ଶ୍ରୀ ମହାପାତ୍ର ଅଦାଲତରେ ମାମଲା ରୁଜୁ କରିଥିଲେ। ଦୀର୍ଘ ବର୍ଷର ବ୍ୟବଧାନ ପରେ ଅଦାଲତର ନିର୍ଦ୍ଦେଶକ୍ରମେ ଓଲଟପୁର ଓ ଗୋବିନ୍ଦପୁର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ଉକ୍ତ ବିବାଦୀୟ ଦୋକାନଗୁଡିକୁ ଭାଙ୍ଗି ଦିଆଯାଇଛି।

# ଗଞ୍ଜେଇ ଜବତ; ଦୁଇ ଗିରଫ

**ଆଠଗଡ଼, ୧୭।୧(ସମିସ):** ଶନିବାର ସକାଳେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଆଠଗଡ଼ ଥାନା ଅଧିନ ଗୁଣ୍ଡିଚାପୁର ଛକରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମର ଗୟାଚାନ୍ଦ ସାହୁ (୬୨) ଏବଂ ତାରେଶ ପ୍ରସାଦ ମହାପାତ୍ର (୬୩) ଗୋଟିଏ ବାଇକ୍ (ଓଡି୦୬ ୪୧୮୩)ରେ ଏହି ଗଞ୍ଜେଇ ଢେଙ୍କାନାଳ ଅଞ୍ଚଳକୁ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ଧରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଯାଞ୍ଚ କରାଯାଇ ପୁଲିସ ଗିରଫ କରିବା ସହ ଶନିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ବିବାଦର ଅନ୍ତ; ଅରିଲୋରେ ଖୋଲିବ ଧାନମଣ୍ଡି

**କିଶନନଗର, ୧୭।୧(ସମିସ):** ଦୀର୍ଘ କିଛି ଦିନ ହେଲା ସ୍ଥାନ ନିରୂପଣକୁ ନେଇ ଅରିଲୋ ଧାନ ମଣ୍ଡି ବିବାଦ ଘେରରେ ରହିଥିଲା। ଯେଉଁଥିପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଆସୁଥିଲା। ଦୀର୍ଘ ୧୦ ବର୍ଷ ଧରି ସୋମପୁର ନିକଟରେ ଅରିଲୋ ମଣ୍ଡି ଖୋଲା ହେଉଥିଲା କିନ୍ତୁ କିଛି ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଯିବାରୁ ମଣ୍ଡି ସମବାୟ ସମିତି ନିକଟରେ ଖୋଲିବାକୁ ନେଇ ଦାବି କରିଥିଲେ। ଏନେଇ ମଣ୍ଡି ୭ ତାରିଖରୁ ଖୋଲିବାର ହୋଇଥିଲେ ମଧ୍ୟ ତାହା ଖୋଲା ଯାଇ ନଥିଲା। ଚାଷୀଙ୍କ ଅଭିଯୋଗ ପରେ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ଅରିଲୋଠାରେ ମଣ୍ଡି ଖୋଲିଯିବ ବୋଲି ଜଣାପଡିଛି। ଶନିବାର ସମିତି କାର୍ଯ୍ୟାଳୟ ପରିସରରେ ସଭାପତି କୈଳାସ ଦାସଙ୍କ ଆବାହକତ୍ୱରେ ଚାଷୀ, ସମିତି ସଭ୍ୟସଭ୍ୟା ଓ କ୍ରୟକମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ପ୍ରଶାସନର ନିଷ୍ପତ୍ତିକୁ ଗ୍ରହଣ କରାଯାଇ ଆସନ୍ତା ସୋମବାର ଅରିଲୋଠାରେ ମଣ୍ଡି ଉଦଘାଟନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

# ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବୈଠକ



**କଟକ,୧୭।୧(ସମିସ):** ମହିଳା ଓ ଶିଶୁ ବିକାଶ ପରିସଂଖ୍ୟାନ ସହାୟକ ସଂଘର ବାର୍ଷିକ କାର୍ଯ୍ୟକାରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ କନିଷ୍ଠ ସହାୟକଙ୍କ ଚାକିରି ସମ୍ବନ୍ଧୀୟ ଭବିଷ୍ୟତ, କ୍ୟାଡର ଗଠନ, ପଦୋନ୍ନତି ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ସଂଘର ସଭାପତି ପ୍ରିତମ ଏପ୍ସିଲନ୍ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଦାବି ସ୍ୱରୂପ ଉଚ୍ଛେଦ ହୋଇଥିବା ପରିସଂଖ୍ୟାନ ସହାୟକଙ୍କ କ୍ୟାଡର ଗଠନ, ଗ୍ରେଡେସନ ତାଲିକା ଓ ସମୟୋଚିତ ପଦୋନ୍ନତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ସଂଘର ଏକ ସମ୍ମିଳନୀ ଭୁବନେଶ୍ୱରଠାରେ ଆୟୋଜନ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ସଂଘର ସମ୍ପାଦକ ପଦାରବିନ୍ଦ କର ଧନ୍ୟବାଦ ଦେଇଥିଲେ। ରାମଚନ୍ଦ୍ର ସ୍ୱାଇଁ, ସିଦ୍ଧାନ୍ତ କୁମାର ସାହୁ, ବିନିତା ପ୍ରିୟଦର୍ଶିନୀ ମିଶ୍ର, ଶୁଭ୍ରାଂଶୁ ଶେଖର ସାହୁ, ହିରମ୍ ତୁରୁକ, ମଧୁସ୍ମିତା ପରିଡ଼ା, ବିକ୍ରମ କେଶରୀ, କମେଶ୍ୱର ସିଂହ, ବନ୍ଦିତା ଦେହୁରୀ, ସୌମ୍ୟରଞ୍ଜନ, ଅଭିଜିତ ସୁତାର, ରାଜେଶ ଦେହୁରିଆ, ରାଜକୁମାର ନାୟକ ଉପସ୍ଥିତ ଥିଲେ।

# ଗଡ଼ାପୋଖରୀ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ



**ବଡମ୍ବା,୧୭।୧(ସମିସ):** ବଡମ୍ବା ବ୍ଲକ୍ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ଶନିବାର ଚତୁର୍ଥ ଅଭିଭାବକ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ବେହେରା ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଚଳିତବର୍ଷଠାରୁ ଏହି ଦୁଇ ଶ୍ରେଣୀରେ ପାସ ଓ ଫେଲ ବ୍ୟବସ୍ଥା ରହିବ ବୋଲି ସୂଚନା ପ୍ରଦାନ କରି ସମାପ୍ତି ସୂଚକ ଆକଳନ ୧ର ଫଳାଫଳ ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ବ୍ଲକ ସଦର ମହକୁମାର ଅତି ନିକଟରେ ଥାଇ ମଧ୍ୟ ବିଦ୍ୟାଳୟଟି ସେହି ପୁରୁଣା ଘର ରହିଥିବାରୁ ଏହାକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଶିକ୍ଷୟିତ୍ରୀ ଶାନ୍ତିଲତା ଦେଇ, ଅନିତା ନାଏକ, ଶତ୍ରୁଘ୍ନ ବେହେରା, ହରପ୍ରିୟା ସାହୁ, ବିଜୟ କୁମାର ନାଏକ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ଶିକ୍ଷକ ସତୀଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱନାହାକାଣୀରେ ଟବାକୋମୁକ୍ତ ସଚେତନତା



**ଟାଙ୍ଗୀ,୧୭।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାଣୀ ସରକାରୀ ହାଇସ୍କୁଲ ପରିସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଟବାକୋମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୁଷ ଚିକିତ୍ସକ ଡ଼ ସସ୍ମିତା ପଣ୍ଡା, ସୁପରଭାଇଜର ହରିପ୍ରୀୟା ସେନାପତି, ବିଜୟ କୁମାର ସାହୁ ଓ ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯିବା ସହ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ହାଇସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସଦର ବ୍ଲକ୍ ବିଜେଡି ସଭାପତି ହେଲେ ବିଭୂତି



**କନ୍ଦରପୁର,୧୭।୧(ସମିସ):** କଟକ ସଦର ବ୍ଲକ ବିଜୁ ଜନତା ଦଳ ସଭାପତି ଭାବେ ତଥା ବରିଷ୍ଠ ସଂଗଠକ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ମହାନ୍ତି ମନୋନୀତ ହୋଇଛନ୍ତି। ବିଭୂତି ହେଉଛନ୍ତି ୪ ନମ୍ବର ଉରାଳି ଜିଲ୍ଲା ପରିଷଦ ଜୋନର ବିଜେଡ଼ି ନେତା। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା କର୍ମକର୍ତ୍ତା ଓ ସଂଗଠନର ଅନ୍ୟ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି।

# ଜିଲ୍ଲାସ୍ତରୀୟ ଭିବି ଜୀ-ରାମ-ଜୀ କର୍ମଶାଳା




**କଟକ, ୧୭।୧ (ସମିସ):** ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ଜିଲ୍ଲାରେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜୀ-ରାମ-ଜୀ) ର ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୫ଟି ନିର୍ବାଚନମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଏବଂ ଭିବି ଜୀ-ରାମ-ଜୀ ମଣ୍ଡଳ ସଂଯୋଜକମାନଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସଂପାଦକ ସ୍ମୃତିରଞ୍ଜନ ମିଶ୍ର ଅତିଥି ପରିଚୟ କରିଥିଲେ। ଜିଲ୍ଲା ପ୍ରଭାରୀ ଇଂ ଜ୍ଞାନଦେବ ବେଉରା, ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ, ବରିଷ୍ଠ ବିଜେପି ନେତା ହୃଷୀକେଶ ଜେନା ଏବଂ ଲଲାଟେନ୍ଦୁ ବଡୁ ଜିଲ୍ଲାର ନୂତନ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭିବି ଜୀ-ରାମ-ଜୀର ରାଜ୍ୟ ସଂଯୋଜକ ଶ୍ରୀ ପାଢ଼ୀ ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିବାବେଳେ, ଜିଲ୍ଲା ପ୍ରଭାରୀ ଇଂ ବେଉରା ପ୍ରତ୍ୟେକ ପଞ୍ଚାୟତ ଏବଂ ବୁଥ୍ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ଭିବି ଜୀ-ରାମ-ଜୀର ଉଦ୍ଦେଶ୍ୟ ଏବଂ ଲାଭ ସମ୍ବନ୍ଧରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ହେଉ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦକ ଇନ୍ଦ୍ରମଣି ମଲ୍ଲିକ, ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଜଗନ୍ନାଥ ପରିଡା, ସୁନୀଲ ଦ୍ୱିବେଦୀ, ବସନ୍ତ କୁମାର ଜେନା, ଦେବାଶିଷ ଘୋଷ, ସୁରେଶଚନ୍ଦ୍ର ଜେନା, ବିପ୍ଲବିନୀ ଦାସ, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ସ୍ୱାଧୀନ ମହାନ୍ତି, ଲଲାଟେନ୍ଦୁ ଦାସ, ଅନୀତା ମିଶ୍ର, ସରୋଜ ସ୍ୱାଇଁ, ସରିତା ଶୁକ୍ଲ, ପ୍ରଭାତ କୁମାର ଜେନା, ସୁଜତା ନନ୍ଦ, କୋଷାଧ୍ୟକ୍ଷ ପ୍ରଭୋଦ କୁମାର ବଡପଣ୍ଡା, ସହ କୋଷାଧ୍ୟକ୍ଷ ମଙ୍ଗଳଚାନ୍ଦ ମିଶ୍ର, କାର୍ଯ୍ୟାଳୟ ସଂପାଦକ ପ୍ରଶାନ୍ତ ଦାସ, ସହ ସଂପାଦକ ଶୁଭମ ସ୍ୱାଇଁ, ସୁରଜ ଦାସ, ମନୋରମା ରାଉତ, ମଧୁସ୍ମିତା ପ୍ରଧାନ, କଳ୍ପନା ବେହେରା, ସଂଯୁକ୍ତା ମିଶ୍ର, ମାମିନା ମହାନ୍ତି, ନିର୍ମଳ ଆଚାର୍ଯ୍ୟ, ପ୍ରତିମା ସ୍ୱାଇଁ, ମମତା ନନ୍ଦି, ଶୁଭଶ୍ରୀ ସାମଲ, ସ୍ୱର୍ଣ୍ଣଲତା ସେଠୀ, ସବିତା ବେହେରା, କଳ୍ପନା ଦାସ, ସୁଜତା ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ଅନ୍ୟତମ ସାଧାରଣ ସଂପାଦକ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଯମୁନା ଦାଶ
(କବୟତ୍ରୀ)
ଗ୍ରାମ - ତୁକୁନା ଶାସନ, ଆନନ୍ଦପୁର, କେନ୍ଦୁଝର
ଆବିର୍ଭାବ - ୦୬.୦୧.୧୯୨୯
ତିରୋଧାନ - ୦୭.୦୧.୨୦୨୬
ଆଜି ତୁମ ଦ୍ୱାଦଶାହ ତିଥିରେ ଆମର ଆତ୍ମାର ସଦଗତି କାମନା କରୁଛୁ
ଇତି: ତୁମର ହତଭାଗ୍ୟ ପରିବାର ଓ ଆତ୍ମୀୟସ୍ୱଜନ

# କଟକ ସିଟି





### ୨୫୦ ଚୋରା ମଦ ବେପାରୀ ଫେରାର୍

# ୧୧୦ ଜଣଙ୍କ ନାଁରେ ଲାଗୁହେବ ଏନ୍ଏସ୍ଏ

କଟକ,୧୭ ।୧(ସମିସ):

ଦିନକୁ ଦିନ ବଢ଼ି ଚାଲିଛି ଚୋରା ମଦ ବ୍ୟବସାୟ। ଏହି ଚୋରା କାରବାର କରୁଥିବା ମଦ ବେପାରୀଙ୍କୁ ଧରିବାରେ ଅବକାରୀ ବିଭାଗ କର୍ମଚାରୀ ବିଫଳ ହେଉଥିବା ଦେଖିବାକୁ ମିଳିଛି। ମଦ ମାଫିଆ ତଥା ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ କଠୋର ହେବା ପରିବର୍ତ୍ତେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। କଟକ ସହର ସମେତ ଜିଲ୍ଲାରେ ଥିବା ଚୋରା ମଦ ବ୍ୟବସାୟୀ ଦିନକୁ ଦିନ ସେମାନଙ୍କ କାରବାର ବୃଦ୍ଧି ଘଟାଉଛନ୍ତି। ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ, ସେମାନଙ୍କୁ ଗିରଫ କରାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ସେମାନେ ଜାମିନ୍‌ରେ ମୁକୁଳି ପୁଣି ଥରେ ଏହି କାରବାର କରୁଛନ୍ତି। ଅଧିକାଂଶ ଚୋରା ମଦ ମାଫିଆ ଫେରାର୍ ହୋଇ ଯାଉଥିବା ସୂଚନା ରହିଛି। ସହର ସମେତ ଜିଲ୍ଲାର ୯ଟି ଅବକାରୀ ଷ୍ଟେସନ୍ ଓ ୨ଡିଭିଜନ୍ ପକ୍ଷରୁ ୨୪ଘଣ୍ଟିଆ ଚଢ଼ଉ ଜାରି ରହିଥିଲେ ମଧ୍ୟ ଏହା ଫଳପ୍ରଦ ହୋଇ ପାରୁନାହିଁ। ଏଥି ପାଇଁ ଅବକାରୀ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କଟକ ସହର ସମେତ ସମଗ୍ର ଜିଲ୍ଲାରେ ୧୧୦ଜଣ ଚୋରା ନିଶା ବେପାରୀ ଫେରାର୍ ହୋଇଯାଇଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଏନ୍ଏସ୍ଏ ଲାଗୁ କରିବାକୁ ବିଭାଗୀୟ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ପରେ ଏହି ଏନ୍ଏସ୍ଏ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ୨୦୨୩ ମସିହାରେ ୧୪୦ଜଣ ନିଶା ବେପାରୀ ଫେରାର୍ ହୋଇଯାଇଥିବା ବେଳେ ୨୦୨୪ ୨୪୦ଜଣ ଏବଂ ୨୦୨୫ ମସିହାରେ ୨୫୦ଜଣ ନିଶା ବେପାରୀ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧୦ଜଣଙ୍କ ନାଁରେ ଏହି ଏନ୍ଏସ୍ଏ ଲାଗୁ କରାଯିବ ବୋଲି ଜଣାପଡ଼ିଛି।

ଅବକାରୀ ବିଭାଗ ପକ୍ଷରୁ ପ୍ରାପ୍ତ ସୂଚନା ଅନୁସାରେ, ଯେଉଁମାନେ ସର୍ବ ସାଧାରଣରେ ଆତଙ୍କ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଧନଜୀବନରେ କ୍ଷତି ପହଞ୍ଚାଇ ଥାଆନ୍ତି, ସେମାନଙ୍କ ବିରୋଧରେ ସଂଗୀନ ଅଭିଯୋଗର ପ୍ରମାଣ ମିଳିଲେ, ଏହି ଏନ୍ଏସ୍ଏ ଲାଗୁ କରାଯାଇଥାଏ। ପ୍ରଥମେ ୩ମାସ ପର୍ଯ୍ୟନ୍ତ ଏହି ଏନ୍ଏସ୍ଏ ବୁକ୍ କରାଯିବା ପରେ ଜଣେ ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର ବୋର୍ଡ ବସିଥାଏ। ବୋର୍ଡର ଅନୁମୋଦନ କ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଏ। ଏଭଳି କଠୋର ପଦକ୍ଷେପ ଚୋରା ମଦ ମାଫିଆଙ୍କ ବିରୋଧରେ ନିଆଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗତ ଦେଢ଼ ମାସ ମଧ୍ୟରେ ହୋଇଥିବା ଚଢ଼ଉରେ ଅବକାରୀ ବିଭାଗ ସମୁଦାୟ ୨କୋଟି ୫୬ଲକ୍ଷ ୨୩ହଜାର ୩୩୭ଟଙ୍କା ନିଶା ସାମଗ୍ରୀକୁ ଜବତ କରିଛି। ସମୁଦାୟ ୩୪୬ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୫୪ଜଣ ନିଶା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ବ୍ୟବହୃତ ୧୭ଟି ବାଇକ୍ ଓ ୪ଟି କାର୍‌କୁ ଜବତ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟତଃ ଆଠଗଡ଼ ଓ ବାଙ୍କି ଅଞ୍ଚଳରୁ ଚୋରା ମଦ, ଗଞ୍ଜେଇ ଓ ଭାଙ୍ଗ କଟକ ସହର ମଧ୍ୟକୁ ଆସୁଛି। ନରାଜ, ଜୁଡିସିଆଲ୍ ଏକାଡେମୀ ଓ ଚହଟା ଛକରେ ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏହି ନିଶା କାରବାରକୁ ରୋକିବାକୁ ପ୍ରତ୍ୟେକ ଦିନ ଚଢ଼ଉ କରୁଛନ୍ତି। ସେହିପରି ମଙ୍ଗୁଳି ଟୋଲ୍ ଗେଟ୍ ଓ ପାହାଲଠାରେ ଜାତୀୟ ରାଜପଥ କଡରେ ଅବକାରୀ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ସହର ମଧ୍ୟରେ ଓ ଗ୍ରାମାଞ୍ଚଳରେ ସାଦା ପୋଷାକଧାରୀ ଅବକାରୀ ପୁଲିସ ପଇଁତରା ମାରୁଛନ୍ତି। ହେଲେ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇ ପାରୁନାହିଁ।




ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀଙ୍କ ନିକଟରେ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଣ୍ଣ ଧନୁଷକୁ ଆଳତି

## ନ୍ୟୁ ଷ୍ଟୁଆର୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା 'ଆଥଲେଟିକା'

କଟକ,୧୭।୧(ସମିସ): ମିଶନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ୩୪ତମ ବାର୍ଷିକ କ୍ରୀଡ଼ା 'ଆଥଲେଟିକା' ବିଦ୍ୟାଳୟର ଅଧ୍ୟକ୍ଷ ମୋୟେଶ ମହାନ୍ତିଙ୍କ ପୌରୋହିତ୍ୱରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପୋଷ୍ଟମାଷ୍ଟର ଜେନେରାଲ, ସମ୍ବଲପୁର, ଓଡ଼ିଶା ତଥା ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ଲଳିତେନ୍ଦୁ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ଡାୟୋସିସ୍‌ର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, ବିଶିଷ୍ଟ ଅତିଥି ଭାବେ ପ୍ରସିଦ୍ଧ କ୍ରିକେଟର ରାଜକୁମାର ଦାସ ଯୋଗ ଦେଇଥିଲେ। ସିନିଅର ବିଭାଗରେ ଛାତ୍ର ଅଜମତ ଖାନ ଓ ଛାତ୍ରୀ କୁମାରୀ



ସ୍ମିତ ଶୋଭା ପ୍ରିୟଦର୍ଶିନୀ ତଥା ଇଣ୍ଟରମିଡ୍‌ଏଟ ବିଭାଗରେ ଛାତ୍ର ସୁଧାଂଶୁ ପ୍ରାମାଣିକ ଓ ଛାତ୍ରୀ ଜୟା ଯଶସ୍ୱୀ ବ୍ୟକ୍ତିଗତ ଚାମ୍ପିଅନ ହୋଇଥିବା ବେଳେ ସୁଭାଷଚନ୍ଦ୍ର ବୋଷ ହାଉସ ଦଳଗତ ଚାମ୍ପିଅନ ଓ ବିଶପ ହାଉସ ରନର୍ସ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ଆଭା ବିଶ୍ୱାଳ, ସୁଲତା ବେହେରା, କ୍ରୀଡା ଶିକ୍ଷକ ଅମୂଲ୍ୟ କୁମାର ବେହେରା, ପ୍ରେମାଶିଷ ଜେନା, ଜ୍ଞାନରଞ୍ଜନ ଓଝା ଓ ମର୍ସି ରାଉତ ପ୍ରମୁଖ ପରିଚାଳନା କରିଥିଲେ। ରୋଜାଲିନ ନାୟକ, ସୁସ୍ମିତା ପାତ୍ର, ସ୍ତୁତିସ୍ମିତା ଚୌଧୁରୀ, ଆଲୋକ ପ୍ରକାଶ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡିପିଏସ୍ କଳିଙ୍ଗରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ଫୁଲନଖରା,୧୭।୧(ସମିସ): ଅଡ଼ାକିଆସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗର ଗତ ୭ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରୋ-ଭାଇସ୍ ଚେୟାରପର୍ସନ ମାଲା ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟର ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା ଅଭିବାଦନ ଗ୍ରହଣ କରିଥିଲେ। ଉପାଧ୍ୟକ୍ଷା ସ୍ୱାତି ନାଥ ଓ ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ପତାକା ପ୍ରଦର୍ଶନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଉଚ୍ଚଡିଆଁ, ଲମ୍ବଡିଆଁ, ଦୌଡ ପ୍ରତିଯୋଗିତା, ରିଲେ ରେସ୍, ଡିସ୍‌କସ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ ଇତ୍ୟାଦି କ୍ରୀଡା ପ୍ରତିଯୋଗିତା ମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କ୍ରୀଡା ସଂପାଦକ ଅର୍ଣ୍ଣବ ପଟ୍ଟନାୟକ ଓ ସୁକୁନ ଶାହାନୱାଜ୍ ମଶାଲ ଶୋଭାଯାତ୍ରା ଓ ପରେଡ୍‌ର ନେତୃତ୍ୱ ଗ୍ରହଣ କରିଥିଲେ। କ୍ରୀଡ଼ା ବିଭାଗ ମୁଖ୍ୟ ସମୀର କୁମାର ଜେନା ଓ ଅନ୍ୟ କ୍ରୀଡ଼ା ଶିକ୍ଷକଗଣ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସ୍ୱାତି ମହାନ୍ତି ଓ ପୂଜା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ତରଫରୁ ଆକର୍ଷଣୀୟ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ଯମୁନା ହାଉସ୍ ଚାମ୍ପିଅନ ହୋଇଥିବା ବେଳେ ମହାନଦୀ ହାଉସ୍ ରନର୍ସଅପ୍ ହେବାର ଗୌରବ ଅର୍ଜନ କରିଛି।

## ପଞ୍ଜୀକରଣ ପରେ ବକେୟା ପଇଠ ବିଳମ୍ବ ପାଇଁ ଅଧିକାରୀ ଦଲିଲ ଅଟକାଇ ରଖିପାରିବେ ନାହିଁ: ହାଇକୋର୍ଟ

କଟକ, ୧୭ ।୧(ସମିସ): ଦଲିଲ ପଞ୍ଜୀକରଣ ପରେ ବକେୟା ଷ୍ଟାମ୍ପ ଡ୍ୟୁଟି, ପଞ୍ଜୀକରଣ ଫି' ସହ ଜରିମାନା ପଇଠରେ ବିଳମ୍ବ ପାଇଁ ଦଲିଲକୁ ଷ୍ଟାମ୍ପ କଲେକ୍ଟର୍ ତଥା ଆଇଜିଆର ଅଟକ ରଖିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିଶେଷକରି ଦଲିଲ ପଞ୍ଜୀକରଣ ପରେ କର୍ତ୍ତୃପକ୍ଷ ଏହାକୁ ଅଟକାଇ ରଖିପାରିବେ ନାହିଁ। ତୁରନ୍ତ ଏହାକୁ ପ୍ରାଧିକୃତ ବ୍ୟକ୍ତିଙ୍କୁ ପ୍ରଦାନ କରିବା ପାଇଁ ପ୍ରୟାସ କରିବା ପଞ୍ଜୀକରଣ ଅଧିକାରୀ (ରେଜିଷ୍ଟରିଂ ଅଫିସର)ଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ହାଇକୋର୍ଟ ଏକ ରାୟ ଦେଇଛନ୍ତି। ବି.ଡି. ପାଣିଗ୍ରାହୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ଯାଞ୍ଚ ବେଳେ କୌଣସି ଦଲିଲ ବା ନଥିପତ୍ର ପଞ୍ଜୀକରଣ ପାଇଁ ରେଜିଷ୍ଟ୍ରେସନ ଆଇନ ଅନୁସାରେ ଉପଯୁକ୍ତ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଫି ଦିଆଯାଇ ନଥିବା ଜଣାପଡ଼େ, ତେବେ ଏ ବାବଦ ଅର୍ଥକୁ ଜମି ରାଜସ୍ୱ ବକେୟା ଭାବେ ଅସୁଲ କରାଯାଇପାରିବ। ଏଥିସହ ୨୦୦୯,




ଫେବୃଆରି ୨୫ରେ ପଞ୍ଜୀକୃତ ସଂପତ୍ତି ବିକ୍ରି କବଲାକୁ ପ୍ରାଧିକୃତ ବ୍ୟକ୍ତିଙ୍କୁ ୭ଦିନ ଭିତରେ ପ୍ରଦାନ କରିବାକୁ କଟକସ୍ଥିତ ରାଜସ୍ୱ ପର୍ଷଦର ଷ୍ଟାମ୍ପ କଲେକ୍ଟର ତଥା ଆଇଜିଆରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଏକ ଜମି କିଣିଥିଲେ। ଏଥିପାଇଁ ଆବେଦନକାରୀଙ୍କ ସପକ୍ଷରେ ତିନିଜଣ ବ୍ୟକ୍ତି କରିଥିବା ବିକ୍ରି କବଲା ୨୦୦୯ ଫେବୃଆରି ୨୫ରେ ଗଞ୍ଜାମରେ ସବ୍-ରେଜିଷ୍ଟ୍ରାରଙ୍କ ନିକଟରେ ପଞ୍ଜୀକୃତ ହୋଇଥିଲା। କିନ୍ତୁ ସଂପତ୍ତିର ନିର୍ଦ୍ଧାରିତ ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଯାଇ ଏହି ଦଲିଲ ପଞ୍ଜୀକରଣ କରାଯାଇଥିବା ଅଭିଯୋଗ ହେବା ପରେ ଏକ ଅଣ୍ଡର-ଭାଲ୍ୟୁଏସନ୍ ମାମଲା ଆବେଦନକାରୀଙ୍କ ବିରୋଧରେ ରୁଜୁ ହୋଇଥିଲା। ଏଣୁ ନିଅଣ୍ଟ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ୍ ଫି' ପଇଠ କରିବାକୁ ଆଇଜିଆର ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଏହି ଅର୍ଥ ପଇଠ କରିଥିଲେ ମଧ୍ୟ ତାଙ୍କୁ ପଞ୍ଜୀକୃତ ବିକ୍ରି କବଲା ପ୍ରଦାନ କରାଯାଇନଥିଲା। ବିଳମ୍ବ ପାଇଁ ବର୍ଷିକୁ ୧୨.୫ ପ୍ରତିଶତ ସୁଧ ହାରରେ ଟଙ୍କା ଜମା କରିବାକୁ ଆଇଜିଆର ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ଥିତିରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବକେୟା ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେସନ ଫି' ପଇଠରେ ବିଳମ୍ବ ପାଇଁ ଧାର୍ଯ୍ୟ ଜରିମାନା ରାଶି ନଦେବା କାରଣରୁ ପଞ୍ଜୀକୃତ ଦଲିଲ ଅଟକ ରଖିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

## ରାମକୃଷ୍ଣ କୁଟୀରରେ ବିଷ୍ଣୁ ଜେନାଙ୍କ ଶ୍ରାଦ୍ଧସଭା




କଟକ,୧୭।୧(ସମିସ): ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ପ୍ରାକ୍ତନ ତତ୍ତ୍ୱାବଧାରକ ତଥା ବିଶିଷ୍ଟ ଶିକ୍ଷାବିତ୍ ବିଷ୍ଣୁଚରଣ ଜେନାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜନେତା ତଥା ସମାଜସେବୀ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ମୁଖ୍ୟଅତିଥି ଡ଼ଃ ଗୋବିନ୍ଦଚନ୍ଦ୍ର ଚାନ୍ଦ ସ୍ୱର୍ଗତ ଜେନାଙ୍କ ବହୁମୂଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କୁଟୀରର ଉପସଭାପତି ପ୍ରଫେସର ଡ଼ଃ ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡ଼ଃ ସତ୍ୟ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀନାରାୟଣ ଦାଶ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସହ ସଂପାଦକ ଭୁବନାନନ୍ଦ ମହାନ୍ତି ଓ ପ୍ରିୟରଞ୍ଜନ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ବିଚିତ୍ରାନନ୍ଦ ମିଶ୍ର, ପ୍ରଶାନ୍ତ କୁମାର ଜେନା, ଦୈତାରୀ ସାହୁ, ଚିତ୍ତରଞ୍ଜନ ଦାଶ, ଦିଲ୍ଲୀପ ଦାସ ବ୍ରହ୍ମାନନ୍ଦ ବିଶ୍ୱାଳ, ଶ୍ୟାମସୁନ୍ଦର ସାହୁ, କିଶୋରଚନ୍ଦ୍ର ଦାସ, ବିଦ୍ୟୁତ କୁମାରୀ ଲାଲା, ଜୀବନାନନ୍ଦ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

### ■ ନିବେଶ ନାଁରେ ୧.୯୪ କୋଟି ଟଙ୍କା ଠକେଇ

## ପଶ୍ଚିମବଙ୍ଗରୁ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୧୭ ।୧(ସମିସ): ଅନଲାଇନ୍ ଟ୍ରେଡିଂ ଜରିଆରେ ରାତାରାତି କୋଟିପତି ହେବାର ଲୋଭ ଦେଖାଇ ଲୋକଙ୍କୁ କୋଟିକୋଟି ଟଙ୍କାର ଚୂନ ମାରିଥିବା ଜଣେ ଧୂର୍ତ୍ତକୁ କ୍ରାଇମବ୍ରାଞ୍ଚ ପଶ୍ଚିମବଙ୍ଗରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲା, ହୁଗୁଳି ଜିଲ୍ଲା ରିଷଡ଼ା ଅଞ୍ଚଳର ଅଜୟ କୁମାର ପାଲ (୬୦)। ଇନ୍ସପେକ୍ଟର ଆରତି ପରିଡ଼ାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ କାରବାରକୁ ଆଧାର କରି ପଶ୍ଚିମବଙ୍ଗର ହୁଗୁଳିରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଅଜୟକୁ ଗିରଫ କରିବା ସହ ତାଙ୍କ ପାଖରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ଅନେକ ସାମଗ୍ରୀ ଜବତ କରାଯାଇଛି। ସାଇବର ଠକମାନେ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କୁ ଯୋଗାଯୋଗ କରିଥିଲେ। ପରେ ତାଙ୍କୁ ଡିଜିଟାଲ ଡାଇନାମସ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ସାମିଲ କରାଯାଇଥିଲା। ଗ୍ଲୋବିକ୍ସ ଭଲ୍ଟ ନାମକ ଏକ ନକଲି ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମରେ ଅର୍ଥ ନିବେଶ କଲେ ବହୁ ଗୁଣା ଲାଭ ମିଳିବାର ପ୍ରଲୋଭନ ଦେଖାଇଥିଲେ। ଏହି ପ୍ରଲୋଭନରେ ପଡ଼ି ଜଣେ ଯୁବକ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧,୯୪,୬୨,୩୧୦ ଟଙ୍କା ଠକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ପରବର୍ତ୍ତୀ ସମୟରେ, ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇବା ପରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ହୁଗୁଳି କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ କଟକ ଅଣାଯାଇଛି। ପରବର୍ତ୍ତୀ ସମୟରେ ତାଙ୍କୁ ନବରଙ୍ଗପୁର ଏସଡିଜେଏମ କୋର୍ଟରେ ହାଜର କରାଯିବ।

## ସଂଗ୍ରହାଳୟ ପରିଦର୍ଶନ କଲେ ନେତାଜୀ ଓ ଆବିଦ୍ ହସନ୍‌ଙ୍କ ଦାୟାଦ

କଟକ,୧୭ ।୧(ସମିସ): ଦ୍ୱାଦଶ ରାଷ୍ଟ୍ରୀୟ ନେତାଜୀ ସୁଭାଷ ମହୋତ୍ସବ 'ଜୟ ହିନ୍ଦ୍-୨୦୨୬' ଅବସରରେ କଟକସ୍ଥିତ ଐତିହାସିକ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଶନିବାର ଅପରାହ୍ଣରେ ଏକ ୧୫ ଜଣିଆ ବିଶିଷ୍ଟ ପ୍ରତିନିଧି ଦଳ ଓଡ଼ିଆ ବଜାରସ୍ଥିତ ନେତାଜୀ ଭବନ ପରିଦର୍ଶନ କରିବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ପ୍ରତିନିଧି ଦଳରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ନେତାଜୀଙ୍କ ନିକଟ ସମ୍ପର୍କୀୟ ତଥା ତାଙ୍କ ବଡ଼ ଭାଇ ଶରତଚନ୍ଦ୍ର ବୋଷଙ୍କ ନାତି ଅଭିଜିତ ରାୟ। ତାଙ୍କ ସହିତ ନେତାଜୀଙ୍କ ଅତି ଘନିଷ୍ଠ ସହଯୋଗୀ ତଥା 'ଜୟ ହିନ୍ଦ୍' ନାରାର ରୂପକାର ଆବିଦ୍ ହସନ୍ ସଫ୍ରାନିଙ୍କ ଦାୟାଦ ସାଜିଦ ମେହେମୁଦ୍ ମଧ୍ୟ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ଆବିଦ୍ ହାସାନ୍ ସଫ୍ରାନି ସେହି ବ୍ୟକ୍ତି ଥିଲେ, ଯିଏ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀରୁ ଜାପାନ ପର୍ଯ୍ୟନ୍ତ ଦୁଇ ମାସର ବିପଦସଙ୍କୁଳ ସବ୍‌ମେରାଇନ୍ ଯାତ୍ରାରେ ନେତାଜୀଙ୍କ ଏକମାତ୍ର ସଙ୍ଗୀ ଥିଲେ। ପ୍ରତିନିଧି ଦଳ ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀ ବୁଲି ଦେଖିବା ସହ ନେତାଜୀଙ୍କ ବ୍ୟବହୃତ ସାମଗ୍ରୀ ଓ ଦୁର୍ଲଭ ଫଟୋଚିତ୍ର ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଚଳିତ ବର୍ଷର ଏହି ମହୋତ୍ସବକୁ ଓଡ଼ିଶାର ବିପ୍ଳବିଣୀ ପାର୍ବତୀ ଗିରି ଓ ଆବିଦ୍ ହାସାନ୍ ସଫ୍ରାନିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପରିଦର୍ଶନ ସମୟରେ ପ୍ରତିନିଧିମାନେ ନେତାଜୀଙ୍କ ଆଦର୍ଶ, ଦେଶପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତାଜୀ ପ୍ରେମୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହିଦମାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ।



### ସମର୍ପିତ ଜୀବନ

# ପରିମଳ ସେବାରେ ସାତ 'ସୁପରହ୍ୟୁମ୍ୟାନ୍'

କଟକ,୧୭ ।୧(ସମିସ):

ପ୍ରବାହମାନ ସମାଜର ମୁଖ୍ୟସ୍ରୋତ ତଥା ଚାକଚକ୍ୟ ଓ ଚଞ୍ଚଳତା ଭିତରେ କେଉଁଠି ନା କେଉଁଠି କିଛି ଚେହେରା ଅବହେଳିତ ହୋଇ ରହିଯାଆନ୍ତି। କେବେ ସାମାଜିକ ବାସନ୍ଦ ତ କେବେ ପରିଚୟର ସଙ୍କଟ। ଏହି ଦ୍ୱନ୍ଦ୍ୱ ଭିତରେ ଗତି କରୁଥିବା ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଜୀବନ ସବୁବେଳେ ଏକ ସଂଘର୍ଷର ପାଠଶାଳା ହୋଇ ରହିଆସିଛି। ମାତ୍ର କଟକର ମତଗଜପୁରସ୍ଥିତ 'ମଳ-ପଙ୍କ ପରିଚାଳନା ପ୍ଲାଣ୍ଟ' (ଏଫ୍ଏସ୍‌ଟିପି) ଆଜି ଏହି ସାମାଜିକ କଳଙ୍କକୁ ପୋଛି ଏକ ନୂଆ ଇତିହାସ ରଚନା କରିଛି। ଓଡ଼ିଶା ସରକାରଙ୍କ 'ଗରିମା' ଯୋଜନା ମାଧ୍ୟମରେ ଏହି ପ୍ଲାଣ୍ଟର ଦାୟିତ୍ୱ ନେଇଥିବା ସାତ ଜଣ କିନ୍ନର ଆଜି ସହର ପାଇଁ କେବଳ ପରିମଳ କର୍ମୀ ନୁହନ୍ତି, ବରଂ 'ସୁପରହ୍ୟୁମ୍ୟାନ୍' ସାଜିଛନ୍ତି। ଏକପ୍ରକାର ଅନ୍ଧାରୀ ଦୁନିଆର ତୃତୀୟ ଲିଙ୍ଗୀ କୁହାଯାଉଥିବା ଏହି ବିଶେଷ ବର୍ଗ ଏବେ ସେମାନଙ୍କ ଯାତ୍ରା ସମାଜର ମୁଖ୍ୟସ୍ରୋତ ତଥା ଆଲୋକିତ ପଥକୁ ଯାତ୍ରା କରିସାରିଛନ୍ତି। ସେମାନେ ଏହାଦ୍ୱାରା ଏକ କଣ୍ଟକିତ ପଥକୁ ଛାଡ଼ି ଏକ ସ୍ୱତନ୍ତ୍ର ଜୀବନଶୈଳୀ ମାଧ୍ୟମରେ ଆଧୁନିକ ସୁବିଧା ସୁଯୋଗଗୁଡ଼ିକୁ ମଧ୍ୟ ଆପଣେଇ ପାରିଛନ୍ତି।

ଦିନେ ଯେଉଁ ହାତ ସାମାନ୍ୟ ସହାୟତା ପାଇଁ ଅନ୍ୟମାନଙ୍କ ଆଗକୁ ଲମ୍ବି ଯାଉଥିଲା, ଆଜି



ସେହି ହାତରେ ରହିଛି ସହରକୁ ସ୍ୱଚ୍ଛ ରଖିବାର ଗୁରୁଦାୟିତ୍ୱ। ସୁଶ୍ରୀ ଶୀତଲ ବାସ୍ତିଆଙ୍କ ନେତୃତ୍ୱରେ ତନୁଶ୍ରୀ, ଶିବାନୀ, ପ୍ରୀତମ, ସୁମନ, ଟିକି ଓ ରଞ୍ଜନଙ୍କୁ ନେଇ ଗଠିତ ଏହି ଦଳ ମତଗଜପୁର ପ୍ଲାଣ୍ଟକୁ ଆତ୍ମବିଶ୍ୱାସର ସହ ପରିଚାଳନା କରୁଛନ୍ତି। ବୈଜ୍ଞାନିକ ପଦ୍ଧତିରେ ମଳ ପଙ୍କର ଉପଚାର କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହ ସେମାନେ ନିଜ ଜୀବନର ଅନ୍ଧକାରକୁ ମଧ୍ୟ ଦୂର କରିପାରିଛନ୍ତି। ଦୈନିକ ୬୦ କେଏଲଡି କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ସହିତ ୧୩ଟି ସେସପୁଲ୍ ଗାଡ଼ିର ସମନ୍ୱୟ ରକ୍ଷା କରିବା ସେମାନଙ୍କ ବୃତ୍ତିଗତ ଦକ୍ଷତାର ପ୍ରମାଣ ଦେଉଛି। ଏହି କାର୍ଯ୍ୟ ସେମାନଙ୍କୁ କେବଳ ଆର୍ଥିକ ସ୍ୱଚ୍ଛଳତା ଦେଇନି, ବରଂ ସମାଜରେ ଏକ ସମ୍ମାନଜନକ ପରିଚୟ ପ୍ରଦାନ କରିଛି।

ଏହି ସଫଳତା କେବଳ ଏକ ସରକାରୀ ଯୋଜନାର ରୂପାୟନ ନୁହେଁ, ବରଂ ଏହା ମାନବିକତାର ଏକ ବିଜୟ। ଯେଉଁମାନେ ଦିନେ ସମାଜର ମୁଖ୍ୟସ୍ରୋତରୁ ବାସନ୍ଦ ହୋଇ ରହିଥିଲେ, ଆଜି ସେମାନେ ସହରର ସ୍ୱାସ୍ଥ୍ୟ ରକ୍ଷା କବଚ ସାଜିଛନ୍ତି। 'ଗରିମା' ଯୋଜନା ସେମାନଙ୍କୁ କେବଳ କାମ ଦେଇନି, ବରଂ 'ଗର୍ବର ସହ ବଞ୍ଚିବାର' ଏକ ମାଧ୍ୟମ ଦେଇଛି। କଟକ ମହାନଗର ନିଗମର ଏହି ଅଭିନବ ପ୍ରୟାସ ଆଜି ସାରା ରାଜ୍ୟ ପାଇଁ ଏକ ମଡେଲ୍ ସାଜିଛି, ଯେଉଁଠି ପରିମଳ ସେବା ସହିତ ସାମାଜିକ ସମାବେଶୀକରଣର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳୁଛି। ଏହି ସାତ 'ସୁପରହ୍ୟୁମ୍ୟାନ୍'ଙ୍କ କାହାଣୀ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

ସକାଳ THE SAKALA



www.sakalaepaper.com

# ରାସ୍ତାରେ ଖସିଲା ଗୋ-ମାଂସ ପଲିଥିନ୍; ଗାଡ଼ି ଫେରାର୍

ତିଗିରିଆ ୧୭ ।୧ (ସମିସ): ତିଗିରିଆ ଥାନା ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର ତିଗିରିଆ ମହାବୀର ବଜାର ମଧ୍ୟରେ ଥିବା ହନୁମାନ ମନ୍ଦିରଠାରୁ ସ୍ୱଳ୍ପ ଦୂରରେ ଗୋ-ମାଂସ ଭର୍ତ୍ତି ପ୍ୟାକେଟ ପଡ଼ିବା ଘଟଣାକୁ ନେଇ ଶନିବାର ସ୍ଥାନୀୟ ଜନସାଧାରଣ, ମହାବୀର ବଜାରର ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଉତ୍ତେଜନା କାରଣରୁ ଏକ ଘଣ୍ଟା ଧରି ଏହି ରାସ୍ତା ଦେଇ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। ଥାନା ଭାରପ୍ରାପ୍ତ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ ଘଟଣାସ୍ଥଳରେ ପହଞ୍ଚି ଗୋ-ମାଂସ ଭର୍ତ୍ତି ପ୍ୟାକେଟକୁ ଜବତ କରିବା ସହ ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ବୁଝାସୁଝା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣାକୁ କେନ୍ଦ୍ରକରି

## ଘଟଣାସ୍ଥଳରେ ଉତ୍ତେଜନା

ବ୍ଲକ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳଙ୍କ ସମେତ ଅନ୍ୟାନ୍ୟ ଯୁବଗୋଷ୍ଠୀ ଏହି ଗୋ-ମାଂସ ପଡ଼ିବା ଘଟଣାରେ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଅଞ୍ଚଳରେ ପୁଣି ଆରମ୍ଭ ହୋଇଥିବା ବେଆଇନ ଗୋ ମାଂସ ଚାଲାଣ ଉପରେ ରୋକ ଲଗାଇବା ନିମନ୍ତେ ଦୃଢ ପଦକ୍ଷେପ ଗ୍ରହଣ ପାଇଁ ଲିଖିତ ଦାବି କରିଥିଲେ। ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଏକ ଅଜଣା ଗାଡ଼ିରେ ବେଆଇନ ଗୋ ମାଂସ ଚାଲାଣ ହେଉଥିବା ବେଳେ ଗାଡ଼ିରୁ ଏହି ମାଂସ ପ୍ୟାକେଟ ଖସି ପଡ଼ିଥିଲା। ପ୍ୟାକେଟଟି ପଡିଯିବା ପରେ ଭୟରେ ଚାଲାଣକାରୀ ଏହାକୁ ଛାଡି ପଳାଇ ଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ବେଆଇନ ଗୋ ମାଂସ ଚାଲାଣ ପାଇଁ ଦୁର୍ନାମ ଅର୍ଜନ କରିଥିବା ତିଗିରିଆ ବ୍ଲକ ପୂର୍ବରୁ କାର୍ଯ୍ୟରତ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂହ ଓ ତତ୍କାଳୀନ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ଦୃଢ଼ ପଦକ୍ଷେପ କାରଣରୁ ଗୋ ମାଫିଆ ଓ ଗୋ ମାଂସ ରପ୍ତାନୀକାରୀଙ୍କ ମନରେ ଭୟ ସଞ୍ଚାର ହୋଇଥିଲା। ଫଳରେ କିଛିଦିନ ହେବ ଏହି ଅଞ୍ଚଳରେ ଗୋ ମାଂସ ରପ୍ତାନୀ କିଛି ମାତ୍ରାରେ ବନ୍ଦ ରହିଥିଲା। କିନ୍ତୁ ଦୁଇ ଅଧିକାରୀଙ୍କର ଜିଲ୍ଲାରୁ ଅନ୍ୟତ୍ର ବଦଳି ପରେ ଗୋ ମାଫିଆମାନେ ପୁନଶ୍ଚ ମୁଣ୍ଡ ଟେକିବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଏହି ଗୋ ମାଂସ ପଡ଼ିବା ଘଟଣାର ସଠିକ ତଦନ୍ତ ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି।

# ବନ୍ଧକାଟିଆ ଧାନମଣ୍ଡି ଖୋଲିଲା



ପ୍ରଥମ ଦିନରେ ୨୨୪ କୁଇଣ୍ଟାଲ ଧାନ ସଂଗ୍ରହ

ନିଶ୍ଚିନ୍ତକୋଇଲି, ୧୭ ।୧ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଥମେ ବନ୍ଧକାଟିଆ ସେବାସମବାୟ ସମିତିର ଧାନ ମଣ୍ଡି ଶନିବାର ଦିନ ଖୋଲିଛି। ପ୍ରଥମ ଦିନରେ ଏହି ମଣ୍ଡିରେ ୨୨୪ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ଜଣାଯାଇଛି। ସମିତିର ସଂପାଦକ ଶିଶିର କୁମାର ସ୍ୱାଇଁଙ୍କ ସଂଯୋଜନାରେ ଉକ୍ତ ମଣ୍ଡିକୁ ସମିତିର ସଭାପତି ଦିଲ୍ଲୀପ କୁମାର ବିଶ୍ୱାଳ ଏବଂ ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡି ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ଧାନ କ୍ରୟ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ବେଳେ ଏଥିରେ ପଞ୍ଜିକୃତ କରିଥିବା ୫୪୭ ଜଣ ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୩୮୦୦ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ସରକାରୀ ଭାବେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମଣ୍ଡି ଉଦଘାଟନ ଉତ୍ସବରେ ନୋଡାଲ ଅଫିସର ଭାବେ ଦାନପୁର ଆରଆଇ ପ୍ରକାଶ ସିଂ, ଆରଏମ୍‌ସି ପକ୍ଷରୁ ୟାର୍ଡ ମ୍ୟାନ ଜୟଦେବ ବିଶ୍ୱାଳ, ଧାନକ୍ରୟ କମିଟିର ସଭ୍ୟ ବେବିଲତା ସାମଲ, ପ୍ରସନ୍ନ କୁମାର ସାହୁ, ଦିଲ୍ଲୀପ କୁମାର ବିଶ୍ୱାଳ, ଅଶୋକ କୁମାର ସାହୁ, ଗୋଲଖଚନ୍ଦ୍ର ବେହେରା, ଲକ୍ଷ୍ମୀନାରାୟଣ ସାହୁ, ସନାତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଇଚ୍ଛାପୁରର ମୁରଲୀଧର ଗ୍ରେନ୍ ପ୍ରା. ଲି଼. ମିଲର ମାତ୍ର ୫ ଜଣ ଚାଷୀଙ୍କଠାରୁ ୨୨୪ କୁଇଣ୍ଟାଲ ଧାନ ସଂଗ୍ରହ କରିଥିବା ଜଣାଯାଇଛି।

# ଗୀତିକବି କ୍ଷୀରୋଦ ପୋଥାଳଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ



ନିଶ୍ଚିନ୍ତକୋଇଲି,୧୭ ।୧(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଦଗ୍ଧ ସାହିତ୍ୟିକ, ଗୀତିକବି ତଥା 'କୋଠଭୋଗଖିଆ ମୋ ଚକା ଆଖିଆ'ର ସ୍ରଷ୍ଟା କ୍ଷୀରୋଦଚନ୍ଦ୍ର ପୋଥାଳଙ୍କ ରାଜ୍ୟସ୍ତରୀୟ ୧୪ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତସ୍ଥ ଗୋପପୁରର କଳ୍ପବଟ ପରିସରରେ କ୍ଷୀରୋଦ ପୋଥାଳ ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦର ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ପୋଥାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ସଂସ୍କୃତ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ମୁଖ୍ୟବକ୍ତା ଭାବେ ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମ୍ମାନିତ ଅତିଥି ଭାବେ କବି କୁଳମଣି ସାହୁ, ପ୍ରାବନ୍ଧିକ ଡ. ଏକାଦଶୀ ପ୍ରଧାନ, କବି ବିଜୟ କୁଅଁର, ସମାଜସେବୀ ଶୁଭେନ୍ଦୁ କୁମାର ସାମଲ, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର, କବି ଫକୀର ଚରଣ ନାୟକ, ପ୍ରଫୁଲ୍ଲ କୁମାର ସିଂହ, ପ୍ରମିଳା ସାହୁ, କାଞ୍ଚନଲତା ସ୍ୱାଇଁ, କୁନ୍ତି ସାହୁ, କବୟିତ୍ରୀ ଗୀତାଞ୍ଜଳି ନାୟକ, ପ୍ରମିଳା କର, ଜୟନ୍ତୀ ସାହୁ, ଜ୍ୟୋତ୍ସ୍ନାରାଣୀ ସାହୁ, ରୀତାଞ୍ଜଳି ପ୍ରଧାନ, କଣ୍ଠଶିଳ୍ପୀ ସୁଧୀର କୁମାର କର, ସମାଜସେବୀ ଦେବବ୍ରତ ପଣ୍ଡା, ରଶ୍ମିତା ପଲେଇ, ଅନୀତା କର ପ୍ରମୁଖ ସ୍ୱର୍ଗତ ପୋଥାଳଙ୍କ ସାମାଜିକ ସଂସ୍କାରରେ ଭାଷା ସାହିତ୍ୟର ସେବା ଅନନ୍ୟ ବୋଲି ମତ ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଶିଶୁ କବିଙ୍କ ଜନ୍ମପୀଠରେ ଥିବା ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସଂସଦର ଉପସଭାପତି ସ୍ତମ୍ଭକାର ବିବେକାନନ୍ଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୀତିକବିଙ୍କ ପୁତ୍ରବଧୂ ସଂଯୁକ୍ତା ପୋଥାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ସର୍ପେଶ୍ୱର ବିଦ୍ୟାପୀଠର ବାର୍ଷିକୋତ୍ସବ



ଆଠଗଡ,୧୭ ।୧(ସମିସ): ଆଠଗଡ ବ୍ଲକ ପାଟେଣୀ ଗାଁ ସର୍ପେଶ୍ୱର ବିଦ୍ୟାପୀଠର ୫୫ତମ ବାର୍ଷିକୋତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶେଖ ବେଲାଲ୍ ଉଦ୍ଦିନ ଅହମ୍ମଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ରୂପେ ଆଠଗଡ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ ଗୋବିନ୍ଦଚନ୍ଦ୍ର ଚାନ୍ଦ ଓ ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ନନ୍ଦ ଯୋଗ ଦେଇଥିଲେ। କଟକିଆସାହି ସରପଞ୍ଚ ମାନସୀ ରାଉତ, ସମିତିସଭ୍ୟା ପ୍ରତିମା ପ୍ରଧାନ, ସିଆରସିସି ମାନସ କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ଭରତଚନ୍ଦ୍ର ପତି, ରାଜକିଶୋର ପଣ୍ଡା, ପୁରାତନ ଛାତ୍ର ସଂସଦ ପ୍ରତିନିଧି ଅରୁଣ କୁମାର ସାହୁ, ଶ୍ରୀନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ହିମାଂଶୁବାଳା ରାଜଗୁରୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ବିଜୟିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍ୱର୍ଣ୍ଣଲତା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୦୨ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବାଳକ ବଭାଗରେ ଲୋକନାଥ ସ୍ୱାଇଁ ଓ ବାଳିକା ବିଭାଗରେ ସୁହାସିନୀ ଦାସ ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ପଦ୍ମଭୂଷଣ ପ୍ରଧାନ, ଯଯାତି ଜେନା, ମନୋରଞ୍ଜନ ଜେନା, ଟୁକନ ସାହୁ, ଶିକ୍ଷୟିତ୍ରୀ ଚଞ୍ଚଳା ସାହୁ ଓ ମୋନାଲିସା ଭୂତିଆ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ



ଭଦ୍ରେଶ୍ୱର,୧୭।୧(ସମିସ): ମାହାଙ୍ଗା ବ୍ଲକ ହଳଦିଆ ଗ୍ରାମପଞ୍ଚାୟତ ଇଟାମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟ ଓ ବୁଢ଼ୀ ଜାଗୁଳାଇ ବିଦ୍ୟାପୀଠର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ ସୁରେନ୍ଦ୍ରନାଥ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ପଣ୍ଡିତ ଡ. କରୁଣାକର ମିଶ୍ର, ମୁଖ୍ୟବକ୍ତା ଭାବେ ଦୁର୍ଗାଚରଣ ମେମୋରିଆଲ କଲେଜର ଅଧକ୍ଷ ପ୍ରହଲ୍ଲାଦ ଜେନା, ସମ୍ମାନିତ ଅତିଥିଭାବେ ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କିଶୋର ନାୟକ, ଚୌଧୁରୀ ଧିରେନ୍ଦ୍ରନାଥ ଦାସ, ତାରାପ୍ରସନ୍ନ ମହାପାତ୍ର, ଚୌଧୁରୀ ପ୍ରଫୁଲ୍ଲଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ଶରତଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିରୂପେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସୁଜନ କୁମାର ଦାସ, ମନୋଜ କୁମାର ଦାସ, ସାବିତ୍ରୀ ଲେଙ୍କା, ତ୍ରିଲୋଚନ ଜେନା, ନିରଞ୍ଜନ ଯୁବକ ସଙ୍ଘର ସଭାପତି ଭର୍ତ୍ତୃହରି ମିଶ୍ର ସହଯୋଗ କରିଥିଲେ।

# କୁଳିଆ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ



ନିଶ୍ଚିନ୍ତକୋଇଲି,୧୭ ।୧(ସମିସ): କୋଲଣପୁର ପଞ୍ଚାୟତ କୁଳିଆଠାରେ ଥିବା କାଶୀପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବିଦ୍ୟାଳୟରୁ ରାଜ୍ୟସ୍ତରୀୟ ଖୋଖୋ ଖେଳରେ ଅଂଶଗ୍ରହଣ କରିଥିବା ଶ୍ରୀୟାଶ୍ରୀ ବେହେରା, କବାଡିରେ ମୋନାଲିସା ସାମଲ, ଫୁଟବଲରେ ଲିସାରାଣୀ ରାଉତଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା ବେଳେ ଚଳିତ ବର୍ଷ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବିଶ୍ୱପ୍ରକାଶ ପଲେଇ, ମହମ୍ମଦ ଆପନାନ ଖାଁ, ପ୍ରଭାସିନୀ ପାତ୍ରଙ୍କ ସମେତ ବହୁ କୃତୀ ପ୍ରତିଯୋଗୀ ଏବଂ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଗୋପବନ୍ଧୁ ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବପ୍ରସାଦ କର, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ସାହୁ, ସରୋଜ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ଚିତ୍ତରଂଜନ ଦତ୍ତ, ରାଧାମୋହନ ଦାଶ, ଅଶୋକ କୁମାର ନାୟକ, ସୁଦର୍ଶନ ବେହେରା, ଅଶ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଉମାକାନ୍ତ ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଖେଳ ଶିକ୍ଷକ ଲିନା ରାଉତ ଓ ସୁଶ୍ରୀ ସଂଗୀତା ମହାପାତ୍ରଙ୍କ ସଂଯୋଜନାରେ ସୁଧାଂଶୁ କୁମାର ଷଡ଼ଙ୍ଗୀ, ପୁରାତନ ଛାତ୍ର ମାନସ କୁମାର ନାୟକ, ଶିକ୍ଷୟିତ୍ରୀ ସବିତା ଜେନା, ସୁମିତା ପଣ୍ଡା, ଶୁଭଲକ୍ଷ୍ମୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଉପେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ



ଭଦ୍ରେଶ୍ୱର,୧୭ ।୧(ସମିସ): ମାହାଙ୍ଗା ବ୍ଲକ ପଲ୍ଲୀସାହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ମାହାଙ୍ଗା ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ସୋମନାଥ ରାମ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପଞ୍ଚଶଖା ସେତୁର ସଭାପତି ରାଜଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥିଭାବେ ଛତ୍ରତୋଟା କାନାରା ବ୍ୟାଙ୍କ ପରିଚାଳକ ପ୍ରେମାନନ୍ଦ ମହାପାତ୍ର, ଶିକ୍ଷାବିତ ରମେଶଚନ୍ଦ୍ର ବେହୁରା, ସିଆରସିସି ବୈଲୋଚନ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ସବିତା ସାହୁ ପ୍ରମୁଖ ଅତିଥିରୂପେ ଯୋଗଦାନ କରିଥିଲେ। ମୁଖ୍ୟଅତିଥି କୃତ୍ରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ସନ୍ତୋଷ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ

ମାହାଙ୍ଗା,୧୭।୧(ସମିସ): ଭେଡ଼ାସ୍ଥିତ ପିଏମଶ୍ରୀ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜନ୍ମେଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ୍ରିମସ୍ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡଃ ଅଜିତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମୋନାଲିସା ସରକାର, ସାମ୍ବାଦିକ ଅବିନାଶ ଷଡ଼ଙ୍ଗୀ, ଚୌଧୁରୀ ନଭକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ଓ ମାହାଙ୍ଗା ବ୍ଲକରେ ଟପର ହୋଇଥିବା ଛାତ୍ରୀ ହଂସିକା ଲେଙ୍କା ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ରଶ୍ମିତା ଦାସ, ଲିଜାଲିନ ପଟ୍ଟନାୟକ, ପ୍ରଶାନ୍ତ ବାରିକ, ସତ୍ୟନାରାୟଣ ସାହୁ, ମନ୍ଦାକିନୀ ତରାଇ, ଅଜୟ ଶତପଥୀ, ସତ୍ୟବାନ ମାଝି, ତେଜସ୍ମିତା ସାହୁ, ଅଦୈତ ଜେନା, ପ୍ରକାଶ ରାଉତ, ବିଶ୍ୱଜିତ ବିଶ୍ୱାଳ, ପ୍ରଣବ କିଶ୍ୱର ସିଂହ, ମାଧବୀଲତା ସାହୁ, ସତ୍ୟବ୍ରତ ଦାଶ ପ୍ରମୁଖ ଶିକ୍ଷକଶିକ୍ଷୟତ୍ରୀ ସହଯୋଗ କରିଥିଲେ। ଭେଡ଼ା ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ସନ୍ତୋଷ ଦାସ ବିଶେଷ ଆକର୍ଷଣ ମ୍ୟାଜିକ ସୋ ଯାଦୁଗର ପପୁଲାର ପପୁ ଦେଖାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମିତା ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ।



# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ





ମାହାଙ୍ଗା/ନିଶ୍ଚିନ୍ତକୋଇଲି,୧୭।୧(ସମିସ): ମାହାଙ୍ଗାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ବରାହିପୁର ପଞ୍ଚାୟତର କଲ୍ୟାଣ ମଣ୍ଡପ ଓ ସୁବିଧା କେନ୍ଦ୍ର, ଜଳ ସମ୍ପଦ ବିଭାଗର ଗୋକନ ଗ୍ରାମରେ ୨୩ ନମ୍ବର ପାଟନାଳି ଉପରେ କଲଭର୍ଟ ନିର୍ମାଣର ଶିଳାନ୍ୟାସ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀ ଶୁଭାଶିଷ ପାଲଟା, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସ, ଯନ୍ତ୍ରୀ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମିତିସଭ୍ୟ ମନୋରଞ୍ଜନ ନାୟକ, ଭକ୍ତଚରଣ ସ୍ୱାଇଁ, ପ୍ରକାଶଚନ୍ଦ୍ର ନାୟକ, ଆମ୍ବ ଅଧକ୍ଷ କିଶୋର ରାଉତ, ଦେବୀପ୍ରସାଦ ସ୍ୱାଇଁ, ନିଗମାନନ୍ଦ ଖଟୁଆ, ହୃଷୀକେଶ ସାହୁ, ମାନସ କୁମାର ସ୍ୱାଇଁ, ସୁବାସ କୁମାର ସ୍ୱାଇଁ, ଦେବୀପ୍ରସାଦ ସ୍ୱାଇଁ, ଦେବେନ୍ଦ୍ର ଜେନା, ସନ୍ତୋଷ କୁମାର ନାୟକ, ଅଶୋକ କୁମାର ନାୟକ, ପତିତପାବନ ସାମଲ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥୀ, ଅଶୋକ କୁମାର ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ଅଭିନ୍ନ ଜେନାଙ୍କ ସମେତ ବହୁ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

ସେହିପରି ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ଜିଗ୍ନିପୁର, ବରାଦୋ ଓ ଫଗୋଳ ପଞ୍ଚାୟତରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ପାଇଁ ୧୩ ଲକ୍ଷ ଟଙ୍କା ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରେ ଶିଳାନ୍ୟାସ କରିଥିବା ବେଳେ ବଳଦେବଜୀଉ ପ୍ରାଥମିକ କୃଷି ସମବାୟ ସମିତିର କେନ୍ଦ୍ର ସରକାରଙ୍କ ଅନୁଦାନ ପାଣ୍ଠି ୩୦ ଲକ୍ଷ ଟଙ୍କାରେ ଅଫିସ ଓ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଫଗୋଳ ପଞ୍ଚାୟତର ଜଗନ୍ନାଥପୁରଠାରେ ଥିବା ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟର ୧୩ ଲକ୍ଷ ଟଙ୍କା ଅନୁଦାନରେ ଶ୍ରେଣୀଗୃହ ଏବଂ ପାଇକରାପୁରଠାରେ ଥିବା ପଲ୍ଲିଶ୍ରୀ ପ୍ରାଥମିକ ସେବା ସମବାୟ ସମିତିର ଅଫିସ ଓ ଗୋଦାମ ଗୃହ ନିର୍ମାଣ, ବରାଦୋ ପଞ୍ଚାୟତ କମାରଛନ୍ଦାଠାରେ ରାମକୃଷ୍ଣପୁର-ବରାଦୋ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡିଓ ଦ୍ୱିବେନ୍ଦୁ ଦାସ, ମଣ୍ଡଳ ଶିକ୍ଷା ଅଧିକାରୀ ସଂଯୁକ୍ତା ମହାପାତ୍ର, ପ୍ରଧାନଶିକ୍ଷକ ସୁପ୍ରଭା ସେନାପତି, ସରପଞ୍ଚ ତିଲୋତ୍ତମା ରାଉତ, ସମିତିସଭ୍ୟ ଅଶୋକ କୁମାର ଓଝା, ସେବାସମବାୟ ସମିତିର ସଭାପତି ଧୀରେନ୍ଦ୍ରନାଥ ବେହେରା, ଅଭିରାମ ମଲ୍ଲ, ସଂପାଦକ ବିଶ୍ୱଭୂଷଣ ସ୍ୱାଇଁ, ମହମ୍ମଦ ଅମିନ୍ ଖାଁ, ଆରଏମ୍‌ସି. ସଂପାଦକ ନିରଞ୍ଜନ ସାମଲଙ୍କ ସମେତ ବହୁ ସରକାରୀ ଅଫିସର, ସମିତି ପରିଚାଳନା କମିଟିର ସଭ୍ୟସଭ୍ୟା, ସ୍କୁଲ ପରିଚାଳନା କମିଟିର ସଭ୍ୟସଭ୍ୟା ଏବଂ ନେତୃବୃନ୍ଦ ଉପସ୍ଥିତ ଥିଲେ।

